**ସଂକ୍ଷେପରେ**

## ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୨୧।୧୦:** ସରକାରୀ ରେଳବାଇ ପୋଲିସ (ଜିଆରପି) ସୋମବାର ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳଦେଇ ଯାଇଥିବା ରେଳଧାରଣାରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣକ ରାମନଗର ୪ର୍ଥ ଲେନ୍‌ରେ ରହୁଥିବା ବଳରାମ ନାୟକ (୬୮)। ପୋଲିସ ମୃତଦେହ ଜବତ କରି ନଂ. ୫୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ସେ ପ୍ରାତଃଭ୍ରମଣ ସାରି ଘରକୁ ଫେରୁଥିଲେ। ରେଳଧାରଣା ଅତିକ୍ରମ କରୁଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି।

## କମନ୍ ଟେଷ୍ଟ ଦେଲେ ୪୭ହଜାର ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ୍,୨୧।୧୦:** ଆସନ୍ତା ମାଟ୍ରିକ୍ ପରୀକ୍ଷାରେ ପାସ୍ ହାର ବୃଦ୍ଧି ପାଇଁ ଗଞ୍ଜାମ ଜିଲାରେ ମିଶନ୍ 'ଡ୍ରିମ୍' କାର୍ଯ୍ୟକାରୀ କରାଯାଉଛି। ଏହି ମିଶନ୍ ଅନୁଯାୟୀ, ପ୍ରତ୍ୟେକ ସୋମବାର ଏବଂ ଗୁରୁବାର ବିଭିନ୍ନ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବ । ସୋମବାର ପରୀକ୍ଷା ଆରମ୍ଭ ହୋଇଯାଇଛି। ପ୍ରଥମ ଦିନ ଗଣିତରେ ଜିଲାରେ ୪୭ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ତେବେ ତେଲୁଗୁ ମାଧମ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କେବଳ ଓଡ଼ିଆ ଭାଷାରେ ପ୍ରଶ୍ନପତ୍ର ଆସିଥିବା ବେଳେ ତେଲୁଗୁ ଭାଷାରେ ପ୍ରଶ୍ନପତ୍ର ନ ଥିଲା। ଫଳରେ ତେଲୁଗୁ ମାଧମ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାରେ ସମସ୍ୟାର ଭୋଗିଥିଲେ । ସୂଚନାଯୋଗ୍ୟ, ଛାତ୍ରୀଛାତ୍ରଙ୍କ ପରୀକ୍ଷା ଅଭ୍ୟସ୍ତ କରିବା ପାଇଁ ଯୋଜନା ଚାଲିଛି। ସେଥି ପାଇଁ ମିଶନ୍ ଡ୍ରିମ୍ କାର୍ଯ୍ୟକାରୀ ହେଉଛି । ଛାତ୍ରୀଛାତ୍ରମାନେ ଅଧିକ ସଂଖ୍ୟକ ପରୀକ୍ଷା ଦେଲେ ସେମାନଙ୍କ ମନରେ ଥିବା ଭୟ ଦୂର ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଆସନ୍ତା ଗୁରୁବାର ଇଂଲିଶ ପରୀକ୍ଷା ଅନୁଷ୍ଠିତ ହେବ । ଏହା ପରେ ସାଧାରଣ ବିଜ୍ଞାନ, ୩୧ତାରିଖରେ ଓଡ଼ିଆ, ୪ ତାରିଖରେ ସୋସିଆଲ୍ ଷ୍ଟଡିଜ୍, ୭ ତାରିଖରେ ହିନ୍ଦୀ କିମ୍ବା ସଂସ୍କୃତ, ୧୧ତାରିଖରେ ଗଣିତ, ୧୫ତାରିଖରେ ଇଂଲିଶ, ୧୮ତାରିଖରେ ସାଧାରଣ ବିଜ୍ଞାନ, ୨୧ତାରିଖରେ ଓଡ଼ିଆ, ୨୫ ତାରିଖରେ ସୋସିଆଲ୍ ଷ୍ଟଡିଜ୍ ଏବଂ ୨୮ତାରିଖରେ ହିନ୍ଦୀ କିମ୍ବା ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହେବ।

## ବାଇକ୍ ଚୋରି ଅଭିଯୋଗ

**ଗୋପାଳପୁର,୨୧।୧୦:**ଗୋଳନ୍ଥରା ଥାନା ମେଣ୍ଟରାଜପୁର ଗ୍ରାମରେ ରବିବାର ମଧ୍ୟରାତ୍ରିରେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ବାଇକ୍ ଚୋରି ହୋଇଛି। ମେଣ୍ଟରାଜପୁର ଗ୍ରାମର କେ.ଲାଛମେୟା ରବିବାର ରାତିରେ ତାଙ୍କ ବାଇକ୍ (ନଂ.ଓଡି୦୭ଏମ୍-୬୪୮୫) ଘର ସମ୍ମୁଖରେ ଲକ୍ କରି ରଖିଥିଲେ। ରାତିରେ ଦୁର୍ବୃତ୍ତମାନେ ଗାଡି ଭାଙ୍ଗି ଚୋରି କରି ନେଇଛନ୍ତି। ସୋମବାର ସକାଳୁ ବାଇକ୍ ନ ଥିବା ଦେଖି ଗୋଳନ୍ଥରା ଥାନାରେ ଏତଲା ଦେଇଛନ୍ତି।

### ଗଞ୍ଜାମରେ ମୋ ସ୍କୁଲ ଅଧକ୍ଷା

# ୟୁସି ଦାଖଲ ବିଳମ୍ବକୁ ନେଇ ଅସନ୍ତୋଷ

**ବ୍ରହ୍ମପୁର ଅଫିସ୍,୨୧।୧୦**

- ଡିସେମ୍ବର ୧ ସୁଦ୍ଧା ଦାଖଲ ନିର୍ଦ୍ଦେଶ
- ପୁରାତନ ଛାତ୍ରଙ୍କୁ ସ୍କୁଲ ସହ ଯୋଡ଼ିବାକୁ ପରାମର୍ଶ
- ଦାତାଙ୍କ ପାଖକୁ ଲେଖାଯିବ ଧନ୍ୟବାଦ ଚିଠି

ମୋ ସ୍କୁଲ ଅଧକ୍ଷା ସୁସ୍ମିତା ବାଗ୍‌ଚୀ ସୋମବାର ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ । ସକାଳେ ସେ ପ୍ରଥମେ ଛତ୍ରପୁର ଅନ୍‌ଷ୍ଲୋ ହାଇସ୍କୁଲ ପରିଦର୍ଶନ କରିବା ପରେ ବ୍ରହ୍ମପୁରରେ ପହଞ୍ଚିଥିଲେ। ସହରର ୪ ସ୍କୁଲ ପରିଦର୍ଶନ କରି ସେଠାରେ ମୋ ସ୍କୁଲ ଯୋଜନାର କାର୍ଯ୍ୟକାରିତା, ଶୈକ୍ଷିକ ବାତାବରଣ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରିଥିଲେ । ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ କଥା ହୋଇଥିଲେ। ଅପରାହ୍ଣରେ ରାଜସ୍ୱ ଡାକବଙ୍ଗଳା ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋ ସ୍କୁଲ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅମରଦୀପ୍ ଜେନା, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲାରେ ମୋ ସ୍କୁଲ ଯୋଜନାର ଅଗ୍ରଗତି ସମ୍ପର୍କରେ ଅଧକ୍ଷା ବାଗ୍‌ଚୀ ସମୀକ୍ଷା କରିଥିଲେ । ଅଧିକାଂଶ ସ୍କୁଲରେ ଏହି ଯୋଜନାରେ ବହୁ ପ୍ରକଳ୍ପ ହୋଇଛି । ହେଲେ ସ୍କୁଲ ପକ୍ଷରୁ ଉକ୍ତ ପ୍ରକଳ୍ପର ୟୁସି(ବିନିଯୋଗ ପ୍ରମାଣପତ୍ର) ପ୍ରଦାନ କରାଯାଇନାହିଁ। ଜିଲାରେ ପ୍ରାୟ ୫୦ପ୍ରତିଶତ ସ୍କୁଲ ଏଯାଏ ୟୁସି ଦାଖଲ କରିନାହାନ୍ତି। ଏହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଡିସେମ୍ବର ୧ ତାରିଖ ସୁଦ୍ଧା ସମସ୍ତ ସ୍କୁଲ ଯେଭଳି ୟୁସି ଦାଖଲ କରିବେ, ସେ ଦିଗରେ ଧ୍ୟାନ ଦେବାକୁ ଜିଲା ଶିକ୍ଷା ଅଧିକାରୀ ପଣ୍ଡାଙ୍କୁ ପରାମର୍ଶ ଦେଇଥିଲେ। ଏତଦ୍ ବ୍ୟତୀତ ରାଜ୍ୟର ସମସ୍ତ ସ୍କୁଲ ତଥ୍ୟ ପୋର୍ଟାଲ୍‌ରେ ଉପଲବ୍ଧ ହେବ। ପ୍ରତ୍ୟେକ ସ୍କୁଲ ଫଟୋ, ପ୍ରଧାନ ଶିକ୍ଷକଙ୍କ ଫଟୋ, ଯୋଗାଯୋଗ ନମ୍ବର ଏବଂ ଉକ୍ତ ସ୍କୁଲର ସ୍ୱତନ୍ତ୍ରତା ବିଷୟରେ ତଥ୍ୟ ପୋର୍ଟାଲ୍‌ରେ ରହିବ। ଏଣୁ ନଭେମ୍ବର ପହିଲା ସୁଦ୍ଧା ସମସ୍ତ ସ୍କୁଲ ତଥ୍ୟ ପ୍ରଦାନ କରିବାକୁ ଅଧକ୍ଷା ବାଗ୍‌ଚୀ ନିର୍ଦ୍ଦେଶ ଦେଇଥିଲେ। ତେବେ ଅଧିକରୁ ଅଧିକ ପୁରାତନ ଛାତ୍ରୀଛାତ୍ରଙ୍କୁ ସ୍କୁଲ ସହ ଭାବଗତ ସମ୍ପର୍କ ସୃଷ୍ଟି କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଅଧକ୍ଷା ପରାମର୍ଶ ଦେଇଥିଲେ ।

ବୈଠକରେ ସେ କହିଥିଲେ, ମୋ ସ୍କୁଲ ଯୋଜନାରେ ଗଞ୍ଜାମ ଜିଲାରେ ଭଲ କାମ ହୋଇଛି । ଏ ଜିଲା ଅନେକ କ୍ଷେତ୍ରରେ ସ୍ୱତନ୍ତ୍ର । ଏହାକୁ ଶିକ୍ଷା କ୍ଷେତ୍ରରେ କେବଳ ଓଡ଼ିଶା ନୁହଁ, ଦେଶରେ ଏକ ନମ୍ବର ଜିଲା ଭାବେ ପରିଚୟ ସୃଷ୍ଟି କରିବାକୁ ହେବ। ସମସ୍ତେ ଏକାଠି ଏକ ଟିମ୍ ଭାବେ କାର୍ଯ୍ୟ କଲେ ହିଁ ଏହି ସଫଳତା ମିଳିପାରିବ। ସ୍କୁଲଗୁଡ଼ିକରେ ଅନେକ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ହେଲେ ଦେଖିବାକୁ ମିଳୁଛି ଯେ, ପୁରାତନ ଛାତ୍ରୀଛାତ୍ରମାନେ ଟଙ୍କା ଦାନ କରୁଛନ୍ତି। ପ୍ରଧାନ ଶିକ୍ଷକ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଯୋଜନାମୁତାବକ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଯୋଜନା ପ୍ରସ୍ତୁତ ଏବଂ କାର୍ଯ୍ୟକାରିତାରେ ପୁରାତନ ଛାତ୍ରୀଛାତ୍ରଙ୍କର କୌଣସି ଭୂମିକା ରହୁନି। ସେମାନେ କେବଳ ଜଣେ ଦାତା ଭାବେ ରହିଯାଉଛନ୍ତି। ମୋ ସ୍କୁଲ ଯୋଜନାର ଉଦ୍ଦେଶ୍ୟ କେବଳ ଟଙ୍କା ନୁହଁ। ପୁରାତନ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସ୍କୁଲ ସହ ଏକ ଭାବଗତ ସମ୍ପର୍କ ସୃଷ୍ଟି କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ । ଏଣୁ ଯୋଜନା ପ୍ରସ୍ତୁତିଠାରୁ ଆରମ୍ଭ କରି କାର୍ଯ୍ୟକାରିତା ପର୍ଯ୍ୟନ୍ତ, ସବୁଥିରେ ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ଦିଗରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସାରା ବିଶ୍ୱରେ ଗଞ୍ଜାମ ମାଟିର ସନ୍ତାନମାନେ ଜଣେ ଜଣେ ସଫଳ ବ୍ୟକ୍ତି ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ସେମାନଙ୍କୁ ମୋ ସ୍କୁଲ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ସ୍କୁଲଗୁଡ଼ିକ ଏଭଳି ବ୍ୟକ୍ତିମାନଙ୍କର ତାଲିକା ପ୍ରସ୍ତୁତ କରନ୍ତୁ। ବାର୍ଷିକ ଉତ୍ସବ ହେଉ ଅବା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାନ୍ତୁ । ମୋ ସ୍କୁଲ ଯୋଜନାରେ ସହାୟତା ପ୍ରଦାନ ପାଇଁ ଉତ୍ସାହିତ କରନ୍ତୁ ବୋଲି ଅଧକ୍ଷା ବାଗ୍‌ଚୀ ପରାମର୍ଶ ଦେଇଥିଲେ। ଏଥି ସହ ଯେଉଁମାନେ ଟଙ୍କା ଦାନ କରୁଛନ୍ତି, ସେମାନଙ୍କ ପାଖକୁ ଏକ ଧନ୍ୟବାଦ ଚିଠି ଲେଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ କୁଲାଙ୍ଗେ ଜିଲାରେ ପ୍ରାଥମିକଠାରୁ ହାଇସ୍କୁଲ ଶିକ୍ଷା ପର୍ଯ୍ୟନ୍ତ, ଶିକ୍ଷା ବ୍ୟବସ୍ଥାର ବିକାଶ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି, ସେ ଉପରେ ଆଲୋକପାତ କରିଥିଲେ ।

ଏହା ପୂର୍ବରୁ ସେ, ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ସିଟି ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ-୨, ହିଲ୍‌ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନୀଙ୍କ ସମେତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ ।



ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ମୋ ସ୍କୁଲ ଅଧକ୍ଷା ଓ ଅନ୍ୟମାନେ।

## ମୋ ସରକାର ଠିକ୍ କାର୍ଯ୍ୟକାରିତା ଦାବି

**ବ୍ରହ୍ମପୁର ଅଫିସ୍,୨୧।୧୦**

ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ସେଥିରେ ବ୍ୟାପକ ଅବହେଳା ଦେଖିବାକୁ ମିଳୁଛି। ଏବେ ମୋ ସରକାର ଯୋଜନାରେ ମେଡ଼ିକାଲରେ ଦଲାଲ୍‌ଙ୍କୁ ଧରିବାକୁ ପଦକ୍ଷେପ ନିଆଯାଉଛି। ଅଳ୍ପ କିଛି ଦିନ ଧରପଗଡ଼ ପରେ ସମସ୍ତେ ନୀରବ। ଦଲାଲ୍‌ମାନେ ପୂର୍ବବତ୍ ମାତିଛନ୍ତି । ଏଣୁ ପୁଣି ଥରେ ସେମାନଙ୍କୁ ଧରିବା ଏବଂ ଅନ୍ୟ କେତେକ ଦାବିନେଇ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବଡ଼ ମେଡ଼ିକାଲ୍ ସମ୍ମୁଖରେ ସୋମବାର ଘଣ୍ଟଯାତ୍ରା ଅନୁଷ୍ଠିତ ହୋଇଛି । ଦୀର୍ଘ ୩ ବର୍ଷ ହେଲା ଅନୁପସ୍ଥିତ ଥିବା ଚକ୍ଷୁ ବିଭାଗ ପ୍ରଫେସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଭିଡ଼ ବଢୁଥିବା ଯୋଗୁ ଆଞ୍ଚଳିକ ନିଦାନ କେନ୍ଦ୍ର(ଆର୍‌ଡିସି)କୁ ଅଧିକ ବ୍ୟାପକ କରିବା, ଆବଶ୍ୟକ ଡାକ୍ତର ଏବଂ ଟେକ୍ନିସିଆନ୍ ପଦବୀ ପୂରଣ, ଡାଏଲିସିସ୍ ବିଭାଗରେ ସର୍ବନିମ୍ନ ୧୦ ମେଶିନ୍ ସ୍ଥାପନ, ସିଟିସ୍କାନ୍, ଅଲ୍‌ଟ୍ରାସାଉଣ୍ଡ, ଡିଜିଟାଲ୍ ଏକ୍ସ-ରେ ମେଶିନ୍ ସଂଖ୍ୟା ବୃଦ୍ଧି ଆଦି ଦାବି କରାଯାଇଛି। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ଅବନୀ କୁମାର ଗୟା, ମନୋଜ କୁମାର ତରାଇ, ସୁବାସ ଚନ୍ଦ୍ର ସାହୁ, ତ୍ରୈଲୋକ୍ୟନାଥ ଆପ୍ତା, ପ୍ରଫୁଲ୍ଲ କୁମାର ପଶୁପାଳକ, କେ.ଦେବରାଜ୍, ମାଗୁଣି ନାହାକ, ଡମ୍ବରୁଧର ସାହୁ ପ୍ରମୁଖ ଭାଗ ନେଇଥିଲେ ।

# ୬୦ ତମ ପୋଲିସ ଶହୀଦ ଦିବସ ପାଳିତ



ବରିଷ୍ଠ ପୋଲିସ ଅଧିକାରୀମାନେ ଶହୀଦସ୍ତମ୍ଭକୁ ସମ୍ମାନ ଜଣାଉଛନ୍ତି ।

**ବ୍ରହ୍ମପୁର ଅଫିସ,୨୧।୧୦**

ଦେଶ ତଥା ଜନସାଧାରଣଙ୍କ ସୁରକ୍ଷା ପାଇଁ ପୋଲିସ ଯବାନ ନିଜ ଜୀବନକୁ ବାଜି ଲଗାଇ ଦେଉଛନ୍ତି। ଶେଷରେ ଦେଶ ପାଇଁ ଶହୀଦ ହୋଇଯାଉଛନ୍ତି। ପୋଲିସ ଯବାନ ସେମାନଙ୍କ ବଳିଦାନ ଓ ଦେଶ ପାଇଁ ଉତ୍ସର୍ଗୀକୃତ ସେବାକୁ ମନେ ପକାଇ ସମସ୍ତେ ନିଷ୍ଠାର ସହିତ ଦାୟିତ୍ୱ ସମ୍ପାଦନ କରନ୍ତୁ ବୋଲି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଆହ୍ୱାନ ଦେଇଛନ୍ତି। ମୃତ୍ୟୁ ହେଉଛି ଚିରନ୍ତନ ସତ୍ୟ। ଯେଉଁମାନେ ଦେଶମାତୃକାର ସେବା ବେଳେ ନିଜ ଜୀବନ ଦେଇଛନ୍ତି ସେମାନେ ଚିରସ୍ମରଣୀୟ ବୋଲି ଏସ୍‌ପି ମିଶ୍ର କହିଛନ୍ତି। ସୋମବାର ଆମ୍ବପୁଆ ରିଜର୍ଭ ପୋଲିସ ପଡ଼ିଆରେ ୬୦ ତମ ପୋଲିସ ଶହୀଦ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ମିଶ୍ର ସ୍ମୃତିଚାରଣ କରିଥିଲେ। ଗତ ବର୍ଷେ ମଧ୍ୟରେ ଦେଶରେ ୨୯୨ ପୋଲିସ ଶହୀଦ ହୋଇଛନ୍ତି। ଏସ୍‌ପି ସମସ୍ତଙ୍କ ନାମ ପାଠ କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶହୀଦ ଯବାନଙ୍କ ମଧ୍ୟରେ ଓଡ଼ିଶାର ୨ ଜଣ ରହିଛନ୍ତି। ସେମାନେ ହେଲେ ହାବିଲଦାର ମେଜର ସୁଜିତ କୁମାର ମିଞ୍ଜ ଏବଂ ଓଏପିଏଫ୍ ଜୟରାମ। ପରେ ଏସ୍‌ପି ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବରୁ ସେ ମିଳିତ ପେରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପେରେଡ୍‌କୁ ରିଜର୍ଭ ଇନ୍‌ସପେକ୍ଟର ଦିଲୀପ କୁମାର ବେହେରା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ପ୍ରଭାତ ଚନ୍ଦ୍ର ରାଉତରାୟ, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, କ୍ରାଇମ ଡିଏସ୍‌ପି ରାମକୃଷ୍ଣ ପତି ଓ ଡ଼ିଆଇବି ଡିଏସ୍‌ପି ଜେ.କେ .ପଟ୍ଟନାୟକ ସମେତ ଜିଲାର ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।

## ସରକାରୀ ଜାଗା ଦେବାକୁ ଦାବି

**ବ୍ରହ୍ମପୁର ଅଫିସ୍,୨୧।୧୦**

କାର୍ଯ୍ୟାଳୟ ନିର୍ମାଣ ପାଇଁ ଏକ ଜାଗା ଯୋଗାଇ ଦେବାକୁ ସୋମବାର ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ସିନିୟର୍ ସିଟିଜେନ୍ ଫୋରମ୍ ପକ୍ଷରୁ ଉପଜିଲାପାଳ ଏବଂ ତହସିଲଦାର୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବିନା ପ୍ରିମିୟମ୍‌ରେ ଜାଗା ଦେବାକୁ ଦାବିରେ ଉଲ୍ଲେଖ କରାଯାଇଛି। ବିଶେଷକରି ତହସିଲ୍ ପଛ ପାଖରେ ଥିବା ପରିତ୍ୟକ୍ତ ଜାଗା ଦେବାକୁ ନିବେଦନ କରାଯାଇଛି। ଫୋରମ୍ ସଭାପତି ରାସବିହାରୀ ଦାସଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ପ୍ରସାଦ ବିଷୋୟୀ, ଉପସଭାପତି ସୂର୍ଯ୍ୟକାନ୍ତ ପାତ୍ର, ସମ୍ପାଦକ ବାସୁଦେବ ଲିମା, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମହାରଣା, କାର୍ଯ୍ୟକାରୀ ସଦସ୍ୟ ବିନୋଦ ଜେନା, ଶିଶିର କୁମାର ସାହୁ, ଦେବରାଜ କୋଠିଆ, ରବୀନ୍ଦ୍ର କୁମାର ମହାରଣା, ପ୍ରଶାନ୍ତ କୁମାର ମହାପାତ୍ର, ତ୍ରିନାଥ ମହାପାତ୍ର, ବସନ୍ତ କୁମାର ଗନ୍ତାୟତ, ଡା. ଶ୍ରୀବତ୍ସ ଦଳାଇ, ନକୁଳ ସାହୁ, ଗରିବବନ୍ଧୁ ପଣ୍ଡା, ବଂଶୀଧର ପାଳ, କାହ୍ନୁଚରଣ ପଣ୍ଡା, ଜୟନ୍ତ ଲାଲ ଓ ମନମୋହନ ପରିଚ୍ଛାଙ୍କ ସମେତ ବହୁ ସଦସ୍ୟ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଥାଇରଏଡ୍ ଅଭିବୃଦ୍ଧି ପାଇଁ ଆୟୋଡିନ୍ ଜରୁରୀ

**ବ୍ରହ୍ମପୁର ଅଫିସ୍,୨୧।୧୦**

ଆଇଇସି ହଲ୍‌ରେ ସୋମବାର ବିଶ୍ୱ ଆୟୋଡ଼ିନ୍ ଅଭାବ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆୟୋଡିନ୍ ଆମ ଶାରୀରିକ ତଥା ମାନସିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ଥାଇରଏଡ୍ ଅଭିବୃଦ୍ଧି ପାଇଁ ମଧ୍ୟ ଆୟୋଡିନ୍ ଜରୁରୀ ବୋଲି ସେ କହିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ ଜଗଦୀଶ ପଟ୍ଟନାୟକ, ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡା. ହିମାଂଶୁବାଳା ପଟ୍ଟନାୟକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ସରୋଜିନୀ ଦେବୀ, ଜିଲା ଭେଷଜ ଅଧିକାରୀ ଡା. ପି.କୁର୍ମୟା, ଜିଲା ବହୁଜନ ବ୍ୟାଧି ନିୟନ୍ତ୍ରକ ଡା. ଅଶୋକ ମିଶ୍ର, ଏନ୍‌ଏଚ୍‌ଏମ୍‌ର ଜିଲା କାର୍ଯ୍ୟକ୍ରମ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ଆୟୋଡିନ୍ ଅଭାବ ବହୁତ ପ୍ରକାର ସ୍ୱାସ୍ଥ୍ୟ ତଥା ଅଭିବୃଦ୍ଧି ସମସ୍ୟାର କାରଣ। ମାନସିକ ଅନଗ୍ରସରତା, ଶରୀର ଅଭିବୃଦ୍ଧିରେ ହ୍ରାସ, ଗର୍ଭବତୀଙ୍କ ଗର୍ଭପାତ ଭଳି ସମସ୍ୟା ସୃଷ୍ଟିକରେ। ଆୟୋଡିନ୍ ଅଭାବରୁ ଦେଖାଯାଉଥିବା ରୋଗ ବା ସମସ୍ୟା ଏବଂ ଏହାର ପ୍ରତିରୋଧ, ନିୟନ୍ତ୍ରଣ ଏବଂ ପ୍ରତିକାର ଉପରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ । ସାରା ବିଶ୍ୱରେ ଆୟୋଡିନ୍ ଅଭାବ ଏକ ପ୍ରମୁଖ ସମସ୍ୟା। ପ୍ରାୟ ଦେଢ଼କୋଟି ଜନସାଧାରଣ ଏଥିରେ ଆକ୍ରାନ୍ତ। ଆମ ଦେଶରେ ଏହି ରୋଗର ନିୟନ୍ତ୍ରଣ ଏବଂ ସମାଧାନ ପାଇଁ ୧୯୯୨ରୁ ଜାତୀୟ ଗଳଗଣ୍ଡ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ପୁନଃ ନାମକରଣ କରାଯାଇ ଜାତୀୟ ଆୟୋଡିନ୍ ଅଭାବ ଅବ୍ୟବସ୍ଥା ନିୟନ୍ତ୍ରଣ କାର୍ଯ୍ୟକ୍ରମ କରାଯାଇଛି । ସମସ୍ତେ ଶତପ୍ରତିଶତ ଆୟୋଡିନ୍ ବ୍ୟବହାର କରିବା ଉଚିତ ବୋଲି ଅତିଥିମାନେ ପ୍ରକାଶ କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ।

## ନୋଟିସ୍ ପରେ ହାଜର ହେଲେନି ବ୍ୟବସାୟୀ

**ବ୍ରହ୍ମପୁର ଅଫିସ,୨୧।୧୦**

**ବାଲୁଙ୍କେଶ୍ୱର ବାଣ ବଜାର**

ଗୋଷାଣୀନୂଆଗାଁ ଥାନା ଅନ୍ଧପସରା ରୋଡରେ ଥିବା ବାଲୁଙ୍କେଶ୍ୱର ବାଣ ବଜାରରେ ବେଆଇନ ଭାବେ ବାଣ ଭଳି ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିବା ବିନା ଲାଇସେନ୍ସରେ ବିକ୍ରି ହେଉଥିବା ଅଭିଯୋଗରେ ପୋଲିସ ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦୋକାନ ତାଲା ଭାଙ୍ଗି ଷ୍ଟକ ଯାଞ୍ଚ ପରେ ସିଲ କରିଛି। ରବିବାର ରାତିରେ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନିଜ ଅକ୍ତିଆରକୁ ନେଇଥିଲା। ଆବଶ୍ୟକ କାଗଜପତ୍ର ଓ ବାଣ ଷ୍ଟକ ସୋମବାର ଦେଖାଇବା ପାଇଁ ଦୋକାନୀଙ୍କୁ ନୋଟିସ ଜାରି କରିଥିଲା। ପୂର୍ବାହ୍ଣରେ ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁ ପ୍ରସାଦ ପତି, ଗୋଷାଣୀନୂଆଗାଁ ଥାନାଧିକାରୀ ସୁମିତ କୁମାର ସୋରେନ, ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ବାଣ ବଜାରରେ ପହଞ୍ଚିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟବସାୟୀମାନେ ସେଠାରେ ନ ପହଞ୍ଚିବାରୁ ପୋଲିସ ୮ ଦୋକାନ ତାଲା ଭାଙ୍ଗିଥିଲା। ଭିତରେ ଥିବା ଷ୍ଟକ ଯାଞ୍ଚ ପରେ ସେଗୁଡିକୁ ସିଲ କରିଥିଲା। ଏହି ପ୍ରକ୍ରିୟା ମଙ୍ଗଳବାର ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି।



ବାଣ ବଜାରରେ ପୋଲିସ ମୁତୟନ।

### ତୋଟାବନ୍ଧ ସାହିର ୨୫ ପରିବାରଙ୍କୁ ଥଇଥାନ ଦାବି

# ବିଏମ୍‌ସି ଦ୍ୱାରସ୍ଥ ହେଲେ ଉଚ୍ଛେଦ ପରିବାର

**ବ୍ରହ୍ମପୁର ଅଫିସ,୨୧।୧୦**

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ରାସ୍ତା ପ୍ରଶସ୍ତୀକରଣ ନେଇ ଶନିବାର ଓ ରବିବାର ହୋଇଥିବା ଉଚ୍ଛେଦରେ ଅନେକ ପରିବାର ବାସହରା ହୋଇଛନ୍ତି। ଉଚ୍ଛେଦରେ ବିଏମ୍‌ସିର ୧୦ ନଂ. ୱାର୍ଡ ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ହାଇସ୍କୁଲସାହି ନିକଟ ତୋଟାବନ୍ଧ ସାହିର ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ପରିବାର ଗୃହଶୂନ୍ୟ ହୋଇଥିବା ଅଭିଯୋଗ ହୋଇଛି । ତୁରନ୍ତ ଥଇଥାନ କରାଯିବାକୁ ସେମାନେ ଦାବି କରିଛନ୍ତି। ସୋମବାର ୨୫ ପରିବାର ସଦସ୍ୟମାନେ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ସାକ୍ଷାତ କରି ତୁରନ୍ତ ଥଇଥାନ କରିବାକୁ ଦାବି କରିଥିଲେ । ସରକାରଙ୍କ ଆଗାମୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ଅସ୍ଥାୟୀ ଥଇଥାନ ଦିଗରେ ପଦକ୍ଷେପ ନିଆଯିବା ନେଇ କମିଶନର ପ୍ରତିଶ୍ରୁତି ଦେବା ପରେ ଅଞ୍ଚଳବାସୀ ଫେରିଥିଲେ ।

ହଳଦିଆପଦର ବସ୍ ଟର୍ମିନାଲ କାର୍ଯ୍ୟକ୍ଷମ ପରେ ହରିଡାଖଣ୍ଡି ଛକ, ବାଲୁଙ୍କେଶ୍ୱର ମନ୍ଦିର ଛକ, ପୁରୁଣା ବ୍ରହ୍ମପୁର, ଆମ୍ବମାର୍କେଟ ଦେଇ ବସ୍ ଚଳାଚଳ ସ୍ୱାଭାବିକ ପାଇଁ ରାସ୍ତା ପ୍ରଶସ୍ତୀକରଣ କରିବାକୁ ବିଏମ୍‌ସି ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ଶନିବାର ଓ ରବିବାର ବ୍ରହ୍ମପୁର ହରିଡାଖଣ୍ଡି ପେଟ୍ରୋଲ ପମ୍ପ ଅଞ୍ଚଳରୁ ଆରମ୍ଭ କରି ବାଲୁଙ୍କେଶ୍ୱର ମନ୍ଦିର ଛକ, ପୁରୁଣାବ୍ରହ୍ମପୁର, ଆମ୍ବମାର୍କେଟ ଓ ଧୋବାବନ୍ଧ ସାହି ପ୍ରମୁଖ ଅଞ୍ଚଳରେ ରାସ୍ତାପ୍ରସସ୍ତୀକରଣ ପାଇଁ ଜବରଦଖଲ ଉଚ୍ଛେଦ କରାଯାଇଛି । ତେବେ ଏଥିରେ ପୁରଣା ବ୍ରହ୍ମପୁର ଅଞ୍ଚଳର ତୋଟାବନ୍ଧ ସାହି ବାସିନ୍ଦା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ଉଚ୍ଛେଦରେ ଘର ହରାଇଥିବା ବେଳେ ଆରଏୱାଇ ତାଲିକାରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ଏହି ଅଞ୍ଚଳର ୨୫ ପରିବାର ସର୍ବସ୍ୱାନ୍ତ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ କହିବା ପ୍ରକାରେ, ବିଗତ ୨ ବର୍ଷ ପୂର୍ବେ ବିଏମ୍‌ସି ପକ୍ଷରୁ ତୋଟାବନ୍ଧ ସାହିରେ ଜବରଦଖଲ ଉଚ୍ଛେଦ ପାଇଁ ଉଦ୍ୟମ କରାଯାଇଥିଲା। ସେହି ସମୟରେ କୋର୍ଟରୁ ରହିତାଦେଶ ଅଣାଯାଇଥିବାରୁ ଉଚ୍ଛେଦ ହୋଇପାରି ନ ଥିଲା । ତତ୍କାଳୀନ କର୍ପୋରେଟରଙ୍କ ଅବହେଳାରୁ ଆରଏୱାଇ ଗୃହ ତାଲିକାରେ ମଧ୍ୟ ନାମ ଲେଖାଇବାରେ ତୋଟାବନ୍ଧ ସାହିର ୨୫ ପରିବାର ବଞ୍ଚିତ ହୋଇଛନ୍ତି । ଏଭଳି ସ୍ଥିତିରେ ବିନା ଥଇଥାନରେ ହଠାତ୍ ରବିବାର ଉଚ୍ଛେଦ କରାଯାଇଛି । ଫଳରେ ଦୀର୍ଘ ୭୦ ରୁ ୮୦ ବର୍ଷ ଧରି ବସତି ସ୍ଥାପନ କରି ରହି ଆସୁଥିବା ୨୫ ପରିବାରର ଶତାଧିକ ଲୋକ ବେସାହାରା ହୋଇଯାଇଥିବା ଅଞ୍ଚଳବାସୀ ମଞ୍ଜୁ ଦାଶ କହିଛନ୍ତି ।



ବିଏମ୍‌ସିକୁ ଦାବି ଜଣାଇବାକୁ ଆସିଥିବା ଉଚ୍ଛେଦ ପରିବାର ।

**କମିଶନରଙ୍କ ସହ ଆଲୋଚନା କଲେ ବିଧାୟକ, ଏମ୍‌ପି**

ଅନ୍ୟପକ୍ଷରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା ବିଏମ୍‌ସିରେ ପହଞ୍ଚି ଉଚ୍ଛେଦ ପରିବାର ବର୍ଗଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ସୁଦ୍ଧା ଉଚ୍ଛେଦରେ କ୍ଷତିଗ୍ରସ୍ତ ହୋଇଥିବା ଏବଂ ଆରଏୱାଇ ତାଲିକାରେ ଅନ୍ତର୍ଭୁକ୍ତ ଥିବା ୩୦ ପରିବାରଙ୍କୁ ଥଇଥାନ କରାଯାଇଛି । ତାଲିକାରୁ ବଞ୍ଚିତ ୨୫ ରୁ ୩୦ ପରିବାରଙ୍କ ଥଇଥାନ ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ବ୍ରହ୍ମପୁର ନିକଟଅଞ୍ଚଳରେ ଜାଗା ସ୍କିମ୍‌ରେ ସେମାନଙ୍କୁ ଥଇଥାନ କରାଯିବ ବୋଲି କମିଶନର ରାଠୋର ଆଲୋଚନା ବେଳେ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

## ସଂକ୍ଷେପରେ

### ଅବସରପ୍ରାପ୍ତ ସୈନିକଙ୍କ ଘରୁ ଚୋରି

**ଜଗନ୍ନାଥପ୍ରସାଦ, ୨୧।୧୦(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ଥାନା ପଞ୍ଚଭୂତି ଗ୍ରାମରେ ଶନିବାର ମଧ ରାତ୍ରରେ ଜଣେ ଅବସରପ୍ରାପ୍ତ ସୈନିକ ସୁଦର୍ଶନ ନାୟକଙ୍କ ଘରୁ ଚୋରି ହୋଇଛି। ଏନେଇ ସେ ଥାନାରେ ଅଭିଯୋଗ କରିବାପରେ ନଂ.୧୭୧/୧୯ରେ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ପ୍ରକାରେ ୧୯ ତାରିଖରେ ପରିବାରର ସମସ୍ତ ସଦସ୍ୟ ରାତିରେ ଖାଇପିଇ ଶୋଇପଡିଥିଲେ। ଦୁର୍ବୃତ୍ତମାନେ ଗ୍ରୀଲ କବାଟ ତାଡି ଘରେ ପଶି ଆଲମାରୀ ଲକର ଭାଙ୍ଗି ନଗଦ ୧୦ହଜାର ଟଙ୍କା, ୨ ସୁନା ଚେନ, ୩ଟି ସୁନା ମୁଦି ସମେତ ନୂଆ ପୋଷାକ ପତ୍ର ସମେତ ବହୁ ଜିନିଷପତ୍ର ଲୁଟି ନେଇଥିଲେ। ତଦନ୍ତକାରୀ ଅଫିସର ଅମ୍ବିକା ବେଣିଆ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ମଦ ଜବତ, ୨ ଗିରଫ

**ବାଲିଗୁଡା,୨୧।୧୦(ଡି.ଏନ୍.ଏ.):** ବାଲିଗୁଡା ପାଟଖଣ୍ଡା ସାହିରେ ପୋଲିସ ଚଢାଉ କରି ମହୁଲି ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାବିତ୍ରୀ ସାହାଣି ଓ ପ୍ରଶାନ୍ତ କୁମାର ପ୍ରଧାନ। ଉଭୟଙ୍କଠାରୁ ୪୦ ଲିଟର ମହୁଲି ମଦ ଜବତ କରାଯାଇଛି। ଏ ନେଇ ପୃଥକ୍ ଦୁଇ ମାମଲା (ନଂ.୧୪୦,୧୪୧/୧୯) ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାଲିଗୁଡା ଥାନା ପୋଲିସ ସୂଚନା ଦେଇଛି। ସେହିପରି ମହାଶିଙ୍ଗି ପଞ୍ଚାୟତରେ ମଧ ପୋଲିସ ଚଢାଉ କରି ବ୍ୟାପକ ପରିମାଣର ମହୁଲ ପୋଚ ନଷ୍ଟ କରିଛି।

### ଶିଶୁ ଶିକ୍ଷା ସମ୍ପର୍କିତ କର୍ମଶାଳା

**ଜି.ଉଦୟଗିରି,୨୧।୧୦(ଡି.ଏନ.ଏ.):** ଜି.ଉଦୟଗିରିସ୍ଥିତ ବ୍ୟବସାୟୀ ସଂଘ ସଭାଗୃହରେ ସୋମବାର ପ୍ରୟାସ ଅନୁଷ୍ଠାନ ତରଫରୁ ଶିଶୁ ଶିକ୍ଷା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟର ଅଧକ୍ଷ ଡ. ସରୋଜ କୁମାର ପରିଡ଼ା, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସର ନେଇଥିବା ଶିକ୍ଷକ ବଳରାମ ସାହୁ ଯୋଗ ଦେଇଥିଲେ। ପ୍ରୟାସର ମାୟକ ଦିକ୍ଷିତ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ମୁଖ୍ୟ ଆଶୁତୋଷ ଦାଶ ପ୍ରୟାସର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଜିଲା ଅଧିକାରୀ ଜିତେନ୍ଦ୍ର କୁମାର ସାମଲ, ଷ୍ଟେଟ ଟ୍ରେନର ପାୟଲ ମିଶ୍ର ଶିକ୍ଷା, ନାରୀ ସଶକ୍ତୀକରଣ ଓ କୃଷି, କୃଷକର ସୁରକ୍ଷା ଉପରେ କହିଥିଲେ। ଜିଲାରେ ୧୩୪ କେନ୍ଦ୍ରରେ ପ୍ରୟାସ ତରଫରୁ ୪ରୁ ୧୪ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦିଆଯାଉଛି ବୋଲି ଆୟୋଜକମାନେ କହିଥିଲେ।

# ୪ ଦିନ ବୁଲିଲେ ୮ଜଣିଆ ଟିମ୍

**କେନ୍ଦ୍ରୀୟ ମେଡିକାଲ ଟିମ୍‌ର କନ୍ଧମାଳ ଗସ୍ତ ଶେଷ**

**ଫୁଲବାଣୀ ଅଫିସ, ୨୧।୧୦**

କନ୍ଧମାଳ ଜିଲା ଗସ୍ତରେ ଆସିଥିବା କେନ୍ଦ୍ରର ଏକ ୮ ଜଣିଆ ଟିମ୍ ଜିଲାରେ ରୋଗୀସେବା କିପରି ଚାଲିଛି, କ'ଣ ଆବଶ୍ୟକତା ରହିଛି, ତୃଣମୂଳସ୍ତରରେ ଲୋକେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଉଛନ୍ତି କି ନାହିଁ ତାର ତଦାରଖ କରିବା ପରେ ଜିଲା ପ୍ରଶାସନ ସହ ସମୀକ୍ଷା କରି ସୋମବାର ଫେରି ଯାଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ମେଣ୍ଟାଲ ୱାର୍ଡରେ ଡାକ୍ତର ନିଯୁକ୍ତି ଏବଂ ଜିଲାରେ ଏକ ନିଶା ନିବାରଣ କେନ୍ଦ୍ର ଖୋଲିବା ଉପରେ ଟିମ୍ ଗୁରୁତ୍ୱ ଦେଇଛନ୍ତି। ଏ ସମସ୍ତ ବିଷୟ ସହ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ କେନ୍ଦ୍ରକୁ ଜଣାଯିବ ବୋଲି ସେମାନେ କହିଛନ୍ତି।

ଗତ ଶୁକ୍ରବାର ଠାରୁ ଏହି ଟିମ୍ ଆସି ଜିଲାର ବିଭିନ୍ନ ବ୍ଲକ ପରିଦର୍ଶନରେ ଯାଇଥିଲା। ଟିମ୍‌ର ସଦସ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ, କ.ନୂଆଗାଁ, ଫିରିଙ୍ଗିଆ ଓ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଛାପଡା, ବାରିକୁମ୍ପା, ବିଶିପଡା, ସିମନବାଡି, କୁର୍ତ୍ତମଗଡ ଓ ଗୁଡ଼ିଙ୍ଗିଆ ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କିପରି ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ତାହା ପଚାରି ବୁଝିଥିଲେ। ଏଥିସହ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ରୋଗୀମାନେ ପାଉଛନ୍ତି କି ନାହିଁ, ସେ ବିଷୟରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ପଚାରି ଅବଗତ ହୋଇଥିଲେ। ସେହିପରି କେତେକ ଗ୍ରାମକୁ ଯାଇ ଲୋକଙ୍କୁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ସେମାନେ କ'ଣ ସୁବିଧା ପାଉଛନ୍ତି କି ନାହିଁ ବୁଝିଥିଲେ।




କେନ୍ଦ୍ରୀୟ ଟିମ୍ ସଦସ୍ୟ ଓ ଜିଲାପାଳଙ୍କ ସହ ଅନ୍ୟମାନେ।

■ମେଣ୍ଟାଲ ୱାର୍ଡରେ ଡାକ୍ତର ନିଯୁକ୍ତି
■ନିଶାନିବାରଣ କେନ୍ଦ୍ର ଉପରେ ଗୁରୁତ୍ୱ

ଜିଲା ମୁଖ୍ୟ ଚିକିତ୍ସାଳୟରେ ଫିଜିଓଥେରାପି ସେଣ୍ଟର ଦେଖି ଖୁସି ହୋଇଥିଲେ। ଏଠାରେ କେବଳ ସହରର ଲୋକେ ସୁବିଧା ପାଉଛନ୍ତି। ଗ୍ରାମାଞ୍ଚଳରେ ଥିବା ରୋଗୀଙ୍କୁ ଏହି ସୁବିଧା ଯୋଗାଇ ଦେବାଲାଗି ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫିଜିଓଥେରାପି ସେଣ୍ଟର ଖୋଲିବାକୁ ପରାମର୍ଶ ଦେଇଥିଲେ। କ୍ୟାନ୍ସର ରୋଗୀଙ୍କ ଦେଖାଶୁଣା କରିବା ପାଇଁ ବଡ ବଡ ମେଡିକାଲ କଲେଜରୁ ବିଶେଷଜ୍ଞ ଡାକ୍ତରମାନଙ୍କୁ ଆଣି ଚିକିତ୍ସାସେବା ଯୋଗାଇ ଦେବାକୁ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ମେଣ୍ଟାଲ ୱାର୍ଡର ବ୍ୟବସ୍ଥା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଠାରେ ମାସକୁ ଥରେ କିମ୍ବା ଦୁଇ ଥର ଡାକ୍ତର ଆସି ରୋଗୀଙ୍କ ଚିକିତ୍ସା କରୁଛନ୍ତି। ରୋଗୀଙ୍କ ସଂଖ୍ୟା ବଢୁ ଥିବାରୁ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି କରିବା ଉପରେ ଗୁରୁତ୍ୱାରୋପ କରିବା ସହ ତୁରନ୍ତ ଏହା ଉପରେ ଦୃଷ୍ଟି ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଥିଲେ। ସେହିପରି ଏହି ୪ ଦିନ ବୁଲିବା ସମୟରେ ଗ୍ରାମାଞ୍ଚଳରେ ନିଶାସକ୍ତଙ୍କ ସଂଖ୍ୟା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସହର ଏବଂ ଗ୍ରାମାଞ୍ଚଳରେ ଲୋକେ ଅତ୍ୟଧିକ ବିଦେଶୀ ଏବଂ ଦେଶୀ ମଦ୍ୟ ପାନ, ଗଞ୍ଜେଇ ଆଦି ସେବନ କରୁଥିବା ଜାଣିବାକୁ ପାଇଥିଲେ। ଜିଲାରେ କେଉଁଠି ହେଲେ ନିଶା ନିବାରଣ କେନ୍ଦ୍ର ନ ଥିବା ଅବଗତ ହୋଇଥିଲେ। ଜିଲାରେ ଶୀଘ୍ର ଏକ ନିଶା ନିବାରଣ କେନ୍ଦ୍ର ଖୋଲାଯିବା ଉପରେ ଗୁରୁତ୍ୱ ଦେଇ କେନ୍ଦ୍ରକୁ ଜଣାଇବେ ବୋଲି ଅଧିକାରୀମାନେ ବୈଠକରେ ସୂଚନା ଦେଇଥିଲେ।

ବୈଠକରେ କେନ୍ଦ୍ରୀୟ ଟିମ୍‌ର ଡା.ହିମାଂଶୁ ଭୂଷଣ, ଡା.ଏସ୍‌ସି ଅଗ୍ରୱାଲ, ଡା.ବଲୁନାଥ ମୋଟୋ, ଡା.ଅସୀମା ଭଟ୍ଟନାଗର, ପ୍ରୋଗ୍ରାମ ଅଫିସର ସୌରଭ ଶର୍ମା, ଡା.ୱାରିସ ମାରିୟମ, ଜିଲାପାଳ ଡ଼ା. ବୃନ୍ଦା ଡ଼ି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସମୀର କୁମାର ଦାସ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ମେଡ଼ିକାଲ) ମନୋରଞ୍ଜନ ରାଉତ, ଡିପିଏମ୍ ବୁଲୁନାଥ ସାହୁ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ବାଲିଗୁଡ଼ା ଏନ୍‌ଏସିରେ ଆର୍‌ଟିଓ କ୍ୟାମ୍ପ ଅଫିସ

**ବାଲିଗୁଡା,୨୧।୧୦(ଡି.ଏନ୍.ଏ.)**

ଗାଡି ଚାଳକଙ୍କ ସୁବିଧା ନିମନ୍ତେ ବାଲିଗୁଡ଼ା ଏନ୍‌ଏସିରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ର କ୍ୟାମ୍ପ ଅଫିସ୍ ଖୋଲିଥିଲା। ଏଠାରେ ଗାଡ଼ି ଚାଳକଙ୍କୁ ଲର୍ଣ୍ଣିଂ ଲାଇସେନ୍ସ ପ୍ରଦାନ କରାଯାଇଛି। ପ୍ରାର୍ଥୀଙ୍କଠାରୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଥିବା ଦେୟ, ଆଧାର କାର୍ଡ ଓ ବ୍ଲଡ ଗ୍ରୁପ ପ୍ରମାଣପତ୍ରର ନକଲ ସଂଗ୍ରହ କରାଯିବା ସହ ଫଟୋ ଉଠାଇ ଲର୍ଣ୍ଣିଂ ଲାଇସେନ୍ସ ଦିଆଯାଇଛି। ଏଥିପାଇଁ କାର୍ଯ୍ୟାଳୟରେ ଭିଡ଼ ଜମିଥିବା ଦେଖାଯାଇଥିଲା। ଫୁଲବାଣୀ ଆର୍‌ଟିଓ ଗତିକୃଷ୍ଣ ସାମନ୍ତରାଏଙ୍କ ସୂଚନା ପ୍ରକାରେ ସୋମବାର ଗୋଟିଏ ଦିନରେ ମୋଟ ୨୮୧ଜଣ ଲର୍ଣ୍ଣିଂ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୨୮୦ ଜଣଙ୍କୁ ତାହା ପ୍ରଦାନ କରାଯାଇଛି। ଅନ୍ୟ ଜଣକ ଫଟୋ ଉଠାଇବା ବେଳେ ଅନୁପସ୍ଥିତ ଥିଲେ। ଆସନ୍ତା ୨୬ ତାରିଖ ଓ ନଭେମ୍ବର ୩ ତାରିଖରେ ପୁଣି ଏଠାରେ ଏପରି କ୍ୟାମ୍ପ ହେବ ବୋଲି ଆର୍‌ଟିଓ ସୂଚନା ଦେଇଛନ୍ତି। କ୍ୟାମ୍ପରେ ଆର୍‌ଟିଓ ଅଫିସର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନ୍ୟାୟ ନ ପାଇ ମହିଳା ନିରାଶ
# ଜିଲାପାଳଙ୍କ ଗାଡ଼ି ଆଗରେ ଆତ୍ମହତ୍ୟା ଉଦ୍ୟମ

**ଭଞ୍ଜନଗର,୨୧।୧୦(ଡି.ଏନ.ଏ)**

ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ୩୫୪ଟି ଅଭିଯୋଗ ଆସିଥିଲା। ରେଡ଼କ୍ରସ ଫଣ୍ଡରୁ ୨ଜଣଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଜିଲାପାଳ ଅଭିଯୋଗ ଶୁଣାଣି ସାରି ମେଡ଼ିକାଲ ପରିଦର୍ଶନ ପାଇଁ ବାହାରିଥିବାବେଳେ ବାଲିପଦର ଫାଣ୍ଡି ରାମଗଡ଼ର ସୁମତି ନାୟକ ତାଙ୍କ ଗାଡ଼ି ଆଗକୁ ହଠାତ୍ ଚାଲିଆସି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉପସ୍ଥିତ ପୋଲିସ ସୁମତିଙ୍କୁ କାବୁ କରି ନେଇଥିଲେ। ଏହାପରେ ଜିଲାପାଳ ଚାଲିଯାଇଥିଲେ। ସୁମତି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ଯେ, ଏକ ଘରୋଇ ଜୀବନ ବୀମା କମ୍ପାନୀର ମହିଳା ଏଜେଣ୍ଟ ତାଙ୍କଠାରୁ ଟଙ୍କା ଠକି ନେଇଛନ୍ତି। ମୋତେ ନ୍ୟାୟ ମିଳୁନାହିଁ। ତେଣୁ ଆଜି ନିରାଶ ହୋଇ ଜିଲାପାଳଙ୍କ ଗାଡ଼ି ଆଗରେ ଆତ୍ମହତ୍ୟା କରିବାକୁ ଯାଉଥିଲି।



ଜିଲାପାଳଙ୍କ ଗାଡ଼ି ଆଗରୁ ସୁମତିଙ୍କୁ ପୋଲିସ ଟାଣି ନେଉଛି।

ସୂଚନାଯୋଗ୍ୟ ଯେ, ମହିଳା ଜଣଙ୍କ ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବରୁ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ଭେଟି ଦାବିପତ୍ର ଦେଇଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ।

ସେହିପରି ଭଞ୍ଜନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ସଭାପତି ସୋମନାଥ ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଗୋଲାପଡ଼ା ପଞ୍ଚାୟତର ଚାଷୀ ଫସଲବୀମା ପାଉ ନ ଥିବାରୁ ଆଇନଜୀବୀ ପ୍ରମୋଦ ପ୍ରଧାନଙ୍କ ନେତୃତ୍ୱରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଶୁଣାଣିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ନିହାର ରଞ୍ଜନ ସାମନ୍ତରାୟ, ମେଡ଼ିକାଲ ଅଧୀକ୍ଷକ ଡ. ପ୍ରଫୁଲ୍ଲ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଫିରିଙ୍ଗିଆରେ ସୁରଭି କାର୍ଯ୍ୟକ୍ରମ

**ଫିରିଙ୍ଗିଆ, ୨୧।୧୦**

ଫିରିଙ୍ଗିଆ ବ୍ଲକର ୨୨ ଆଞ୍ଚଳିକ ସାଧନ କେନ୍ଦ୍ରରେ ସୋମବାର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ରତଙ୍ଗ, ବ୍ଲକ କଲୋନୀ, କରଣ୍ଡାଗଡ, ବନ୍ଧଗଡ, ପିଣ୍ଡାଙ୍ଗି, ଡିଣ୍ଡିରାଗାଁ ଆଦି ସାଧନ କେନ୍ଦ୍ରରେ ଛାତ୍ରୀଛାତ୍ରମାନେ କୁଇଜ, ବକ୍ତୃତା, ସଂଗୀତ, ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। କରଣ୍ଡାଗଡ ସାଧନ କେନ୍ଦ୍ରରେ ସୁରଭି ଏକ ଭିନ୍ନ ପ୍ରକାରେ ପାଳନ କରାଯାଇଥିଲା। ପ୍ରଧାନଶିକ୍ଷକ ସୀମାଞ୍ଚଳ ମୁଖୀ କିଭଳି ଛାତ୍ରୀଛାତ୍ରମାନେ ସ୍କୁଲକୁ ନିୟମିତ ଆସିବେ, ସେ ବିଷୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିଥିଲେ। ଏଥିସହ ଅଗ୍ନି ନିର୍ବାପକ ଯନ୍ତ୍ରକୁ ଜରୁରିକାଳୀନ ସ୍ଥିତିରେ କିଭଳି ବ୍ୟବହାର କରାଯିବ ତାହା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଡିଣ୍ଡିଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ବିନୋଦ ବିହାରୀ ଦିଗାଲ, ସିଆରସିସି ଯୋଗେଶ୍ୱର କହଁର ଯୋଗ ଦେଇଥିଲେ। ଏଠାରେ ୯ ସ୍କୁଲର ୮୦ ପ୍ରତିଯୋଗୀ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ସ୍ୱପ୍ନାରାଣୀ ବିଶୋଇ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଭଞ୍ଜନଗର ମେଡିକାଲ ପରିଦର୍ଶନ

**ଭଞ୍ଜନଗର,୨୧।୧୦(ଡି.ଏନ.ଏ)**

ଭଞ୍ଜନଗର ମେଡିକାଲରେ ଅନେକ ସମସ୍ୟା ଲାଗିରହିଛି। ୨୩ ଡାକ୍ତର ପଦବୀ ଅନୁମୋଦନ ହୋଇଥିବାବେଳେ ବର୍ତ୍ତମାନ ମାତ୍ର ୧୦ ଜଣ ଅଛନ୍ତି। ରୋଗୀସଂଖ୍ୟା ଠାରୁ ଖଟିଆ କମ୍ ଅନୁମୋଦନ ହୋଇଛି। ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ଅନେକ ସମୟରେ ରୋଗୀଙ୍କ ସମ୍ପର୍କୀୟ ଏବଂ ମେଡିକାଲ କର୍ମଚାରୀଙ୍କ ମଧ୍ୟରେ ସେବାନେଇ ଯୁକ୍ତିତର୍କ ହେଉଛି। ଏଭଳି ପରିସ୍ଥିତିରେ ୫–ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିୟାନ ବିଭିନ୍ନ ଜିଲାର ମେଡିକାଲ ପରିଦର୍ଶନ କରିବା ପରେ ଭିତ୍ତିଭୂମି ସୁଦୃଢ଼ ସହ ନୂତନ ମେଡିକାଲ କଲେଜ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଆଗାମୀ ଦିନରେ ୫–ଟି ସଚିବ ଭଞ୍ଜନଗର ଗସ୍ତରେ ଆସିବାର ସମ୍ଭାବନା ରହିଛି। ଏହାପୂର୍ବରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ସୋମବାର ମଧ୍ୟାହ୍ନରେ ଅଚାନକ ଭଞ୍ଜନଗର ଉପଖଣ୍ଡ ମେଡିକାଲ ପରିଦର୍ଶନରେ ଆସିଥିଲେ। ମେଡିକାଲର ଭିତ୍ତିଭୂମି, ରୋଗୀ ସେବା, ପରିମଳ ସେବା, ନିରାମୟ ଯୋଜନା, ସୁରକ୍ଷା ବ୍ୟବସ୍ଥା ପ୍ରମୁଖ ବୁଲି ଦେଖିଥିଲେ। ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାରେ ଆହୁରି ସୁଧାର ଆଣିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ମେଡିକାଲ ପରିସରରେ ଥିବା ଏକ ଔଷଧ ଦୋକାନ ମାଲିକଙ୍କୁ ଜିଲାପାଳ ଆବଶ୍ୟକ କାଗଜପତ୍ର ଦେଖାଇବା ପାଇଁ କହିଥିଲେ। କିନ୍ତୁ ସେ ଦେଖାଇ ନପାରିବାରୁ ତୁରନ୍ତ ଦୋକାନ ବନ୍ଦ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରୋଗୀଙ୍କ ଲମ୍ବା ଲାଇନ ଦେଖି ଟୋକନ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଗାମୀଦିନରେ ଏହି ମେଡିକାଲକୁ ଜିଲା ହସ୍‌ପିଟାଲ ମାନ୍ୟତା ସହ ଡାକ୍ତର ପଦବୀ ପୂରଣ ହୋଇପାରେ ବୋଲି ଆଶା ରଖିଛନ୍ତି ଅଞ୍ଚଳବାସୀ। ସୂଚନାଯୋଗ୍ୟ, ଜିଲାପାଳ ଓ ଏସ୍‌ପି ସୋମବାର ଭଞ୍ଜନଗରକୁ ଅଭିଯୋଗ ଶୁଣାଣି କରିବାକୁ ଆସିଥିଲେ। ଶୁଣାଣି ଚାଲିଥିବାବେଳେ ଜିଲାପାଳ ଓ ଏସ୍‌ପି ହଠାତ୍ ବାହାରକୁ ଆସି ମେଡିକାଲ ଅଭିମୁଖେ ଚାଲିଯାଇଥିଲେ। ୫–ଟି ସଚିବ ଆସିବା ଗୁଜବ ବାରମ୍ବାର ହେଉଥିବା ଯୋଗୁ ମେଡିକାଲ କର୍ମଚାରୀମାନେ ବିଗତ କିଛିଦିନ ହେବ ସତର୍କ ହୋଇପଡିଥିବା ଜଣାପଡିଛି।

# ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ

**ଫୁଲବାଣୀ ଅଫିସ, ୨୧।୧୦**

କନ୍ଧମାଳ ଜିଲା ମାଦିକୁନ୍ଦାସ୍ଥିତ ପୋଲିସ ରିଜର୍ଭ ପଡିଆରେ ସୋମବାର ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶହୀଦମାନଙ୍କୁ ତୋପସଲାମୀ ଦିଆଯାଇଥିଲା। ଏସ୍‌ପି ପ୍ରତୀକ୍ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦଙ୍କ ନାମ ଉଚ୍ଚାରଣ କରିଥିଲେ।ଏଥିସହ କନ୍ଧମାଳରେ ଶହୀଦ ହୋଇଥିବା ପରିବାର ଲୋକଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଅତିରିକ୍ତ ଏସ୍‌ପି ବିଷ୍ଣୁପଦ ମହନ୍ତ, ଆଇପିଏସ୍ ପ୍ରୋବେସନ ବରୁଣ ଗୁଣ୍ଟୁପାଲି, କମାଣ୍ଡାଣ୍ଟ ଏସ୍.କେ. ଦଣ୍ଡସେନା, ଡିଏସ୍‌ପି ସୂର୍ଯ୍ୟକାନ୍ତ ରାୟ, କୃଷ୍ଣପଦ ପଟ୍ଟନାୟକ, ସୀତାକାନ୍ତ ଗନ୍ତାୟତ, ଏସଡିପିଓ ଏ. କେରେକେଟା ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ।



ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀ।

## ଆଦିବାସୀ ଗ୍ରାମରେ ଜ୍ୱର ଆତଙ୍କ

**ପାତ୍ରପୁର,୨୧।୧୦(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଆଙ୍କୁଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜ୍ୱର ଆତଙ୍କ ଦେଖାଦେଇଛି। ପଞ୍ଚାୟତର ବଣିଆବସା, ବେହେରାପୁଟୁ, ଜଳିଅର, ମାଡୁଆ ଗ୍ରାମରେ କିଛିଦିନ ହେଲା ଜ୍ୱର ଆତଙ୍କ ଲାଗିରହିଛି। ସୁଦର୍ଶନ ବେହେରା, ଧନେଶ୍ୱର ପ୍ରଧାନ, ଶାନ୍ତିଲତା ପ୍ରଧାନ, ସନ୍ତୋଷୀ ପାଇକ, ବର୍ଷାରାଣୀ ପ୍ରଧାନ(୫), କେଶରୀ ପ୍ରଧାନ(୩), ବିମଳ ପ୍ରଧାନ, ସୁଧୀର ବେହେରା, ଭୀମ ଭୂୟାଁ(୧୦), ସାଗର ଭୂୟାଁ (୭) ପ୍ରମୁଖ ଜ୍ୱରରେ ପଡିଛନ୍ତି। ବାଘଲଟି ଜଳଭଣ୍ଡାର ପାର ହୋଇ ବହୁ ଆକ୍ରାନ୍ତ ସୁରଙ୍ଗି, ଖାରିଆଗୁଡ଼ା ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଧନେଶ୍ୱରଙ୍କ ଝିଅ ବର୍ଷାରାଣୀଙ୍କୁ ସୋମବାର ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମକୁ ଡ଼ାକ୍ତରୀ ଦଳ ପଠାଇବାକୁ ଦାବି ହେଉଛି।

# କନ୍ଧମାଳରେ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ

**ଫୁଲବାଣୀ ଅଫିସ, ୨୧।୧୦**

ରାଜ୍ୟ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ସୋମବାର ୨ ଦିନିଆ କନ୍ଧମାଳ ଜିଲା ଗସ୍ତରେ ଆସିଛନ୍ତି। ଅପରାହ୍ନରେ ସେ ସ୍ଥାନୀୟ ସର୍କିଟ ହାଉସରେ ପହଞ୍ଚିବା ପରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେଠାରେ ନିରାମୟ କେନ୍ଦ୍ରରେ ଔଷଧ ନେବା ପାଇଁ ଉପସ୍ଥିତ ଥିବା ୨ ରୋଗୀଙ୍କୁ ସୁବିଧା, ଅସୁବିଧା ପଚାରିଥିଲେ। ସେମାନେ କିଭଳି ଚିକିତ୍ସା ସେବା ପାଉଛନ୍ତି, କିଏ ଟଙ୍କା ମାଗିଥିଲେ କି ନାହିଁ, ମାଗଣାରେ ଔଷଧ ନେଉଛନ୍ତି କି ନାହିଁ ତାହା ପଚାରିଥିଲେ। ପରେ ମାତୃ ଶିଶୁ ୱାର୍ଡକୁ ଯାଇ ପ୍ରସୂତି ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଚିକିତ୍ସା ବିଷୟରେ ପଚାରି ବୁଝିଥିଲେ। ପରେ ଟିକାବାଲି ବ୍ଲକ ଅଭିମୁଖେ ଯାଇ ପ୍ରଧାନପଡାରେ ପାନୀୟ ଜଳ ଯୋଗାଣ ବୁଲି ଦେଖିଥିଲେ। ସେଠାରୁ ଜି.ଉଦୟଗିରି ବ୍ଲକ ଲିଙ୍ଗାଗଡ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ପିଲାମାନଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଏହାପରେ ରାଇକିଆ ବ୍ଲକ ବାକିଙ୍ଗିଆ ଗ୍ରାମକୁ ଯାଇ ବିଦ୍ୟୁତ୍ କରଣ ବିଷୟରେ ପଚାରି ବୁଝିବା ପରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ହିତାଧିକାରୀଙ୍କୁ ପଚାରିଥିଲେ। ସେଠାରୁ ବାଲିଗୁଡା ଯାଇ ରାତ୍ର ରହଣି କରିଥିଲେ। ମଙ୍ଗଳବାର ବାଲିଗୁଡା, କ.ନୂଆଗାଁ, ଫିରିଙ୍ଗିଆ ବ୍ଲକ ଗସ୍ତ କରି ଫୁଲବାଣୀରେ ପ୍ରମୁଖ ଶାସନ ସଚିବ ସମୀକ୍ଷା କରିବା ପରେ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି।



ସଚିବ ନିରାମୟ କେନ୍ଦ୍ର ପାଖରେ ରୋଗୀଙ୍କୁ ସମସ୍ୟା ପଚାରି ବୁଝୁଛନ୍ତି।

# ରାଇକିଆରେ ୮୦ ଅଭିଯୋଗ ଶୁଣାଣି

**ରାଇକିଆ,୨୧।୧୦(ଡି.ଏନ୍.ଏ.)**

ରାଇକିଆ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ମୋଟ ୮୦ ଅଭିଯୋଗର ଶୁଣାଣି ହୋଇଛି। ସେଥିମଧ୍ୟରୁ ୭୧ଟି ବ୍ୟକ୍ତିଗତ ଏବଂ ୯ଟି ସାମୁହିକ ଅଭିଯୋଗ ରହିଥିଲା। ନିର୍ବାଚନ ପରେ ପ୍ରଥମ ଥର ପାଇଁ ଅଭିଯୋଗ ଶୁଣାଣି ହେଉଥିବାରୁ ଲୋକଙ୍କ ଭିଡ଼ ଜମିଥିଲା। ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚୁ ନ ଥିବା, ଭିନ୍ନକ୍ଷମ ଭତ୍ତା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ରାସ୍ତା ଘାଟ ସମସ୍ୟା ଆଦି ସମ୍ପର୍କରେ ଅଭିଯୋଗ ଆସିଥିଲା। ଗୁନ୍ଧାଣୀ ସେବାଶ୍ରମ ଓ କଳିଙ୍ଗ ଆବାସିକ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ, ଲଡେଡ଼ିଠାରେ ଅଧାପନ୍ତରିଆ ଥିବା ଅଙ୍ଗନୱାଡ଼ି କୋଠା କାମ ତୁରନ୍ତ ସଂପୂର୍ଣ୍ଣ ପାଇଁ ମଧ ଗ୍ରାମବାସୀ ଲିଖିତ ଭାବେ ଜଣାଇଥିଲେ। ଜୀବିକା ସୁରକ୍ଷା ମଞ୍ଚ ତରଫରୁ ସୋଲାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଦାବି କରାଯାଇଥିଲା। ଏହି ଅବସରରେ ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଥିଲା। ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ରଞ୍ଜନ ରଣଜିତ, ଜି. ଉଦୟଗିରି ଏସଡ଼ିପିଓ ଜୟକୃଷ୍ଣ ବେହେରା, ବିଡ଼ିଓ ପ୍ରବୀଣ କୁମାର ବାଣୁଆ, ତହସିଲଦାର ଶାରଦାକାନ୍ତି ଦଳାଇଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଏବଂ ଉପଖଣ୍ଡ ସ୍ତରୀୟ ଅଫିସରମାନେ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

# ସେମିରେ ସାରଙ୍ଗଗଡ଼, ଫିରିଙ୍ଗିଆ, ଭଞ୍ଜନଗର, ଜୟପୁର

**ଆନ୍ତଃ ମହାବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

**ଭଞ୍ଜନଗର,୨୧।୧୦(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ସଂସଦ ପକ୍ଷରୁ ୫୦ତମ ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ଚାଲିଛି। ସୋମବାର ଦ୍ୱିତୀୟ ଦିବସରେ ୪ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ କୋରାପୁଟ ଡିଏଭି କଲେଜ ଓ ସାରଙ୍ଗଗଡ କନ୍ଧମାଳ କଲେଜ ମଧ୍ୟରେ ହୋଇଥିଲା। ସାରଙ୍ଗଗଡ ୨–୧ରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍ ସେମିଲିଗୁଡା ସହ ଫିରିଙ୍ଗିଆ କଲେଜ ମଧ୍ୟରେ ହୋଇଥିଲା। ଏଥିରେ ଫିରିଙ୍ଗିଆ ୧–୦ରେ ବିଜୟୀ ହୋଇଛି। ଫିରିଙ୍ଗିଆର ଆଶୀଷ କହଁର ଏକମାତ୍ର ଗୋଲ ଦେଇଥିଲେ। ତୃତୀୟ ମ୍ୟାଚ୍ ଆୟୋଜକ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଓ ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଭଞ୍ଜନଗର କଲେଜ ୪–୦ରେ ବିଜୟୀ ହୋଇଛି। ଦଳପକ୍ଷରୁ ରାଜେଶ ବେହେରା ୩ଟି ଓ ଟି.ସାଇରାମ ଆଚାରୀ ୧ଟି ଗୋଲ କରିଥିଲେ। ଚତୁର୍ଥ ମ୍ୟାଚ୍ ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟ ଓ ଜୟପୁର ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଏଥିରେ ଜୟପୁର ୬–୦ରେ ଏକତରଫା ବିଜୟୀ ହୋଇଛି। ଏହି ମ୍ୟାଚ୍ ଗୁଡିକରେ ଭଞ୍ଜନଗର ଆଇଆର୍‌ବି ବଟାଲିୟନ କମାଣ୍ଡିଙ୍ଗ୍ ଅଫିସର ପ୍ରଭାତ କୁମାର ଦାସ ମୁଖ୍ୟ ଅତିଥି ଓ ଡେପୁଟି କମାଣ୍ଡିଙ୍ଗ୍ ଅଫିସର ଉମେଶ ଚନ୍ଦ୍ର ଜେନା, କଲେଜ ଅଧକ୍ଷ ଡ.ନୀଳାଚଂଳ ମୁନି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଙ୍ଗଳବାର ଭଞ୍ଜନଗର ଓ ଜୟପୁର ଏବଂ ସାରଙ୍ଗଗଡ ଓ ଫିରିଙ୍ଗିଆ ମଧ୍ୟରେ ୨ଟି ସେମି ଫାଇନାଲ ମ୍ୟାଚ୍ ହେବ। ଗୁରୁବାର ଫାଇନାଲ ମ୍ୟାଚ୍ ହେବ। ମ୍ୟାଚ୍ ଗୁଡିକୁ ପରିଚାଳନା କରିବାରେ ରେଫରୀ ଗଣେଶ ବାହାଦୁର, ବାପୁନା ସିଂ, ପି. ରମେଶ, ବିଚିତ୍ର ଜେନା, ସପନ ବୈରାଗୀ ପ୍ରମୁଖ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଅକ୍ଟୋବର ୨୨/୨୦୧୯ Berhampur, Tuesday, October 22/ 2019

# ଗାଁକୁ ଫେରୁନି ଦାଦନ ଶ୍ରମିକଙ୍କ ମୃତଦେହ

**ଖଲ୍ଲିକୋଟ,୨୧।୧୦(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଖୋଜାପଲି ଗ୍ରାମର ହରସ ସାମଲ (୨୬)ଙ୍କ ଗତ ୧୧ ଅକ୍ଟୋବରରେ ମୃତ୍ୟୁ ହୋଇଥିବା ନେଇ କୁଏତରୁ ପରିବାରକୁ ଫୋନ ଆସିଥିଲା। ପରିବାର ଲୋକେ ପ୍ରଥମେ ଖଲ୍ଲିକୋଟ ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାର ଚିତ୍ତରଞ୍ଜନ ମହାନ୍ତ ଜିଲା ପ୍ରଶାସନକୁ ଏହି ବିଷୟରେ ଅବଗତ କରାଇଥିଲେ। କିନ୍ତୁ

## ୧୦ ଦିନ ବିତିଲା

ମୃତ୍ୟୁକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ଏଯାଏ ମୃତଦେହ ଗାଁକୁ ଫେରିନି। ଏ ନେଇ ଜିଲା ଶ୍ରମ ଅଧିକାରୀ ଶିବ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଗତ ୧୯ ତାରିଖରେ ସରକାରଙ୍କୁ ଅବଗତ କରାଯାଇଛି। ଶୀଘ୍ର ଆଣିବା ପାଇଁ ଚେଷ୍ଟା ଚାଲିଛି। ଅନ୍ୟପଟେ ପରିବାର ଲୋକ, ବଂଶଧର ହରସଙ୍କ ମୃତଦେହ ଫେରିବା ବାଟକୁ ଚାହିଁ ରହିଛନ୍ତି। ଶୀଘ୍ର ପ୍ରଶାସନ ଫେରାଇ ଆଣିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ପ୍ରକାଶ ଯେ, ଦେଢ଼ ବର୍ଷ ହେଲା ହରସ କୁଏତ୍‌ର ଏକ କମ୍ପାନୀରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ଗତ ୧୧ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ କମ୍ପାନୀ ପକ୍ଷରୁ ଘରକୁ ଫୋନ ଆସିଥିଲା। ଏହା ଶୁଣି ସ୍ତ୍ରୀ ଗୀତା, ଦୁଇ ଝିଅ ପୁଅ, ମା', ବାପା ଧୈର୍ଯ୍ୟହରା ହୋଇପଡ଼ିଛନ୍ତି।

# ବାଣୀବିହାର ମୁଖ୍ୟ ରାସ୍ତାରୁ ଜବରଦଖଲ ହଟିଲା

**ଆସିକା,୨୧।୧୦(ଡି.ଏନ୍.ଏ.)**

ଆସିକା ଏନ୍‌ଏସିର ହରିହର ହାଇସ୍କୁଲ ଛକ ଠାରୁ ସରକାରୀ ଡାକ୍ତରଖାନା ପର୍ଯ୍ୟନ୍ତ ବାଣୀବିହାର ମୁଖ୍ୟ ରାସ୍ତା କଡରେ ଜବରଦଖଲ କରି ବ୍ୟବସାୟ ଚଳାଇଥିବା ବହୁ ଉଠାଦୋକାନକୁ ପ୍ରଶାସନ ପକ୍ଷରୁ ହଟାଇ ଦିଆଯାଇଛି। ସୋମବାର ସକାଳୁ ଆସିକା ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଅଶୁତୋଷ ଗୌରବ କରଙ୍କ ସହ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଏବଂ ଶସସ୍ତ୍ର ପୋଲିସ ଉପସ୍ଥିତିରେ ଜବରଦଖଲ ହଟା ଯାଇଥିଲା। ଟିପିସର ନାଳ କଡରେ ରାସ୍ତା ଅବରୋଧ କରି ଏହି ବ୍ୟବସାୟ ଚାଲିଥିଲା। ରାସ୍ତାରେ ଅବରୋଧ ଯୋଗୁ ଗମନାଗମନର ଅସୁବିଧା ହେଉଥିବା ଦର୍ଶାଇ ପ୍ରଶାସନ ପକ୍ଷରୁ ଗତ ୪ମାସ ପୂର୍ବେ ଜବରଦଖଲ ହଟାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ହଟିଯିବା ଲାଗି ପୂର୍ବରୁ ବହୁବାର ଜଣାଯାଇଥିଲା। ନହଟିବାରୁ ସୋମବାର ଉଚ୍ଛେଦ କରାଯାଇଛି ବୋଲି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି। ଜବରଦଖଲ ହଟିବା ପରେ ଏନ୍‌ଏସି ପକ୍ଷରୁ ରାସ୍ତା ସମ୍ପ୍ରସାରଣ ଉଦ୍ୟମ ଆରମ୍ଭ ହୋଇଯାଇଛି। ରାସ୍ତା କଡରେ କଂକ୍ରିଟ୍ କରାଯାଇ ବସିବାକୁ ବେଞ୍ଚ ପକାଇବା ଯୋଜନା ରହିଛି। ଅପରପକ୍ଷେ ହସପିଟାଲ୍ ସଂଲଗ୍ନ ଫ୍ଲାଇ ଓଭର ତଳେ ମଧ୍ୟ ଜବରଦଖଲ କରି ଆସିଥିବା ଉଠା ଦୋକାନୀଙ୍କୁ ସେଠାରୁ ହଟାଇ ଏନ୍‌ଏସି ପକ୍ଷରୁ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରାଯିବ। ଏହି ଭେଣ୍ଡିଂ ଜୋନରେ ବାଣୀବିହାର ମୁଖ୍ୟରାସ୍ତା ଓ ଫ୍ଲାଇ ଓଭର ତଳ ଜବରଦଖଲକାରୀଙ୍କୁ ସ୍ଥାନ ଦିଆଯିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଅଟକ

**ଦିଗପହଣ୍ଡି,୨୧।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଏକ ଗାଁରେ ଜଣେ ନାବାଳିକା (୪ର୍ଥ ଶ୍ରେଣୀ ଛାତ୍ରୀ)ଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ତାଙ୍କ ଦାଦା ଏନେଇ ସୋମବାର କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି। ଆଇଆଇସି ମାଧବାନନ୍ଦ ନାୟକ ତଦନ୍ତ କରି ନଂ.୨୦୬/୧୯ରେ ଦଫା ୩୭୬ (କ) (ଖ) ଆଇପିସି ଏବଂ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଅଟକ ରଖିଛନ୍ତି। ସନ୍ଧ୍ୟାରେ ନାବାଳିକା ଓ ଅଭିଯୁକ୍ତଙ୍କୁ ଡ଼ାକ୍ତରୀ ମାଇନା ନିମନ୍ତେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ପଠାଯାଇଛି। ସୋମବାର ସକାଳ ପ୍ରାୟ ୯ଟାରେ ଅଭିଯୁକ୍ତ ଜଣକ ତାଙ୍କ ଘର ପାଖରେ ରହୁଥିବା ସମ୍ପୃକ୍ତ ଛାତ୍ରୀଙ୍କୁ ଟଙ୍କାଦେଇ ଗାଁରେଥିବା ତେଜରାତି ଦୋକାନରୁ ତେଲ ଆଣିବାକୁ ପଠାଇଥିଲେ। ଛାତ୍ରୀ ଜଣକ ତେଲ ଆଣି ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ସେ ଛାତ୍ରୀଙ୍କୁ ବଳାତ୍କାର କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଛାତ୍ରୀ ଜଣକ ଗାଁ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀ ପଢୁଥିବାବେଳେ ଘଟଣା ସମ୍ପର୍କରେ ସମ୍ପର୍କୀୟ ଭଉଣୀ ଓ ଆଈଙ୍କୁ କହିବା ପରେ ଜଣାପଡିଥିଲା।

# ଆକ୍ରମଣ ମାମଲା, ଅଭିଯୁକ୍ତ ଫେରାର

**ଦିଗପହଣ୍ଡି/ଚିକିଟି,୨୧।୧୦(ଡି.ଏନ.ଏ.)**

ଚିକିଟି ଜେନା ସାହିର ନିରଞ୍ଜନ ଜେନାଙ୍କୁ ଘାତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସୋମବାର ନିରଞ୍ଜନଙ୍କ ସ୍ତ୍ରୀ ଉର୍ମିଳାଙ୍କ ଏତଲାକ୍ରମେ କେ.ନୂଆଗାଁ ଥାନା ଆଇଆଇସି ମାଧବାନନ୍ଦ ନାୟକ ଘଟଣାର ତଦନ୍ତ କରି ନଂ.୨୯୭/୧୯ରେ ମାମଲା ରୁଜୁ କରିଛନ୍ତି। ଅଭିଯୁକ୍ତ ଗିରଫ ଭୟରେ ଫେରାର ଥିବା ଚିକିଟି ପୋଲିସ ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ କହିଛନ୍ତି। ରବିବାର ରାତି ପ୍ରାୟ ସାଢ଼େ ୧୦ ଟାରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ଏକ ଠେଙ୍ଗାରେ ନିରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ନିରଞ୍ଜନଙ୍କ ବାମହାତ ଠେଙ୍ଗା ମାଡ଼ରେ ଭାଙ୍ଗିଯାଇଥିବା ବେଳେ ଗୋଡ଼ ଓ ପିଠିରେ ଗଭୀର ଆଘାତ ଲାଗିଛି।




# ଓଏସ୍‌ଏପି ଅଷ୍ଟମ ବାଟାଲିୟନରେ ଶହୀଦ ଦିବସ

**ଗଞ୍ଜାମ,୨୧।୧୦(ଡି.ଏନ.ଏ.)**

ଗଞ୍ଜାମ ସହର ନିକଟ ଛତ୍ରପୁର ଓଏସ୍‌ଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଡେପୁଟି କମାଣ୍ଡାଣ୍ଟ ସୁନୀଲ କୁମାର ବେହେରା ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ପୋଲିସ ଶହୀଦମାନଙ୍କ ନିମନ୍ତେ ଶ୍ରଦ୍ଧାଞ୍ଜଳି ଓ ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୋପବନ୍ଧୁ ତ୍ରିପାଠୀଙ୍କ ସମେତ ବାଟାଲିୟନର ସମସ୍ତ ଅଫିସର, ହାବିଲଦାର ଓ ସିପାହୀ ଶହୀଦ ସ୍ତମ୍ଭ ନିକଟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେଡ଼ କମାଣ୍ଡର ସୁବେଦାର ନୀଳାମ୍ବର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରେଡ ଅନୁଷ୍ଠିତ ହୋଇଥିଲା। ସୁବେଦାର ସୁରେନ୍ଦ୍ର ବେହେରା, ମନୋଜ କୁମାର ଦାଶ, ପ୍ରଫୁଲ୍ଲ କୁମାର ସେଠୀ, ଡେପୁଟି ସୁବେଦାର ନାୟକ ପ୍ରଧାନ, ରମେଶ ରଥ, ମେଜର ମୋହନ ରାଉତ, ହାବିଲଦାର ଓ ସିପାହୀ ସଂଘ ସଭାପତି ପ୍ରଭାକର ବେହେରା, ସମ୍ପାଦକ ନୀଳାଦ୍ରି ନାୟକଙ୍କ ସମେତ ସମସ୍ତ ହାବିଲଦାର ଓ ସିପାହୀ ଉପସ୍ଥିତ ଥିଲେ।

# ପୁଣି ବିଦ୍ୟାଳୟରେ ଭୂତଭୟ

**ବୁଗୁଡା,୨୧।୧୦(ଡି.ଏନ୍.ଏ.)**

ବୁଗୁଡା ବ୍ଲକ ବାଲିପଦର ଶ୍ରୀରଘୁନାଥ ସ୍ୱାମୀ ବାଳିକା ବିଦ୍ୟାଳୟରେ ସୋମବାର ପୁଣି ଛାତ୍ରୀମାନଙ୍କ ଠାରେ ଅସ୍ୱାଭାବିକ ଆଚରଣ ଦେଖା ଦେଇଛି। ସକାଳେ ପ୍ରାର୍ଥନା ସଭା ଚାଲିଥିବାବେଳେ ୧୦ମ ଶ୍ରେଣୀର ଛାତ୍ରୀ ଜଣକ ପରେ ଜଣେ ଅସ୍ୱାଭାବିକ ଭାବେ ନାଚିବାକୁ ଲାଗିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ଜଣେ ଛାତ୍ରୀ ନାଚିନାଚି ଗେଟ ବାହାରକୁ ଯାଇ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ସେମାନଙ୍କୁ ଆୟତ୍ତ କରିବା କଷ୍ଟକର ହୋଇ ପଡିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀମାଳା ସୁବୁଦ୍ଧି ଛାତ୍ରୀଙ୍କ ଅଭିଭାବକଙ୍କୁ ଖବର ଦେଇଥିଲେ। ଅଭିଭାବକ ପହଞ୍ଚି ଝଡାଫୁଙ୍କା କରିବା ପରେ ଘରକୁ ନେଇଥିଲେ। ଭୂତ ଭୟରେ ଅନ୍ୟଛାତ୍ରୀମାନେ ଭୟଭୀତ ହୋଇ ପଡିଛନ୍ତି। ପ୍ରକାଶ ଯେ, ବିଦ୍ୟାଳୟର ଜଣେ ଛାତ୍ରୀ ଅଗଷ୍ଟ ୨୫ରେ କୌଣସି କାରଣରୁ ଘରେ ଆତ୍ମହତ୍ୟା କରିଥିଲେ। ଏହାପରେ ତାଙ୍କ ସହପାଠୀଙ୍କ ନିକଟରେ ଏପରି ଅସ୍ୱାଭାବିକ ଆଚରଣ ଦେଖିବାକୁ ମିଳିଥିଲା।

# ମଦ ଜବତ, ୫ ଗିରଫ

**ଦିଗପହଣ୍ଡି,୨୧।୧୦(ଡି.ଏନ.ଏ.)**

ଦିଗପହଣ୍ଡି ଓ କେ. ନୂଆଗାଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ମଦବିକ୍ରି କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଦ୍ମନାଭପୁର ଗ୍ରାମର ସୀମାଞ୍ଚଳ ସେଠୀ, ଗୁହାଳପୁର ଗ୍ରାମର ଏନ୍.ଉମା ରେଡ୍ଡୀ, ଦିଗପହଣ୍ଡିର ନିରାକାର ସେଠୀ, ଭୀଷ୍ମଗିରି ଗ୍ରାମର ରବି ସାହୁ ଓ କେ. ନୂଆଗାଁ ଥାନା ଗଡ ସାମନ୍ତରାପୁର ଗ୍ରାମର ପ୍ରଫୁଲ୍ଲ ବିଷୋୟୀ। ଏ ନେଇ ଦିଗପହଣ୍ଡି ଥାନାରେ ପୃଥକ ୪ ମାମଲା ଓ କେ. ନୂଆଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ